# NATIONAL NEWS BULLETIN (ODIA)

## 16 August - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀର ଓ ହରିୟାଣା ପାଇଁ ବିଧାନସଭା ନିର୍ବାଚନ ସୂଚୀ ଘୋଷଣା କଲା ନିର୍ବାଚନ ଆୟୋଗ ।
- ଚଳିତବର୍ଷ ଶେଷ ସୁଦ୍ଧା ମାନବ ବିହୀନ ଗଗନଯାନ ଉତ୍କ୍ଷେପଣା ଲାଗି ଉଦ୍ୟମ ଜାରି ରହିଛି, କହିଲେ ଇସ୍ରୋ ଅଧ୍ୟକ୍ଷ ।
- ବାଂଲାଦେଶରେ ହିନ୍ଦୁ ତଥା ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା ନିଶ୍ଚିତ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ବାର୍ତ୍ତାଳାପ କଲେ ମହମ୍ମଦ ୟୁନୁସ୍ ।
- ଭାରତ ଆସନ୍ତାକାଲି ଆୟୋଜନ କରିବ ତୃତୀୟ 'ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍' ସମ୍ମିଳନୀ ।

ଏବଂ

- ନୂଆଦିଲ୍ଲୀରେ ଆଜି ଘୋଷଣା ହେଲା ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ।

# ସିଇସି-ଆସେମ୍ବ୍ଲି ପୁଲ୍

ନିର୍ବାଚନ ଆୟୋଗ ଆଜି ଜାମ୍ମୁ କାଶ୍ମୀର ଓ ହରିୟାଣା ପାଇଁ ବିଧାନସଭା ନିର୍ବାଚନ ସୂଚୀ ଘୋଷଣା କରିଛି । ଜାମ୍ମୁ କାଶ୍ମୀରର ୯୦ଟି ଆସନ ପାଇଁ ୩ଟି ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ ହେବ । ସେପ୍ଟେମ୍ବର ୧୮ ତାରିଖରେ ପ୍ରଥମ ପର୍ଯ୍ୟାୟ, ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଓ ଅକ୍ଟୋବର ୧ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ । ଅନ୍ୟ ପକ୍ଷରେ ହରିୟାଣାରେ ଗୋଟିଏ ପର୍ଯ୍ୟାୟରେ ଅକ୍ଟୋବର ୧ ତାରିଖରେ ସମସ୍ତ ୯୦ଟି ଆସନ ପାଇଁ ଭୋଟ୍ ଗ୍ରହଣ ହେବ ।

ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ଆଜି ନୂଆଦିଲ୍ଲୀର ନିର୍ବାଚନ ସୂଚୀ ଘୋଷଣା  କରିଛନ୍ତି । ସେ କହିଛନ୍ତି, ଜାମ୍ମୁ କାଶ୍ମୀରା କେନ୍ଦ୍ର ଶାସିତ ଅଞ୍ଚଳର ୮୭ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ୧୧ହଜାର ୮୦୦ରୁ ଊର୍ଦ୍ଧ୍ୱ ଭୋଟ୍ ଗ୍ରହଣ କେନ୍ଦ୍ରରେ ୯୦ ଆସନ ବିଶିଷ୍ଟ ଜାମ୍ମୁ କାଶ୍ମୀର ବିଧାନସଭା ପାଇଁ ନେତାମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ ।

ସେହିପରି ହରିୟାଣଶରେ ଦୁଇ କୋଟିରୁ ଊର୍ଦ୍ଧ୍ୱ ମତଦାତା ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ଗ୍ରହଣ କେନ୍ଦ୍ରରେ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି ।

# ଇସ୍ରୋ-ସାଟେଲାଇଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ଆଜି **ପୃଥିବୀ** ପର୍ଯ୍ୟବେକ୍ଷଣ ଉପଗ୍ରହର ଉତ୍କ୍ଷେପଣ କରିଛି । ଏହି ଉପଗ୍ରହକୁ କ୍ଷୁଦ୍ର ଉପଗ୍ରହ ଉତକ୍ଷେପଣ ଯାନ– SSLV ର ତୃତୀୟ ବିକଶିତ ଉଡ଼ାଣ ଜରିଆରେ ମହାକାଶକୁ ପଠାଯାଇଛି । ଏହି ସଫଳତା ପରେ ଭାରତ କ୍ଷୁଦ୍ର ଏବଂ ଛୋଟ ଆକାରର ଉପଗ୍ରହ ମହାକାଶକୁ ପଠାଇବାର କ୍ଷମତା ହାସଲ କରିଛି । ଆଜିର ପ୍ରକ୍ରିୟାରେ ପ୍ରକ୍ଷେପଣ ଯାନର ସମସ୍ତ ୩ଟି ପର୍ଯ୍ୟାୟ ସଫଳଭାବେ କାର୍ଯ୍ୟ କରିଥିଲା । ଉତ୍କ୍ଷେପଣ ପରେ ୨ଟି ଉପଗ୍ରହକୁ ମହାକାଶରେ ୪୭୫ କିଲୋମିଟର ଦୂରରେ ସ୍ଥାପିତ କରାଯାଇଛି ଏବଂ ସେଠାରେ ଉପଗ୍ରହ ଗୁଡ଼ିକର ସୌର ପ୍ୟାନେଲ୍ କାର୍ଯ୍ୟକ୍ଷମ ହୋଇଛି । ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ କେନ୍ଦ୍ର ଜରିଆରେ ଉତ୍କ୍ଷେପଣ କରାଯାଇଥିବା ଉପଗ୍ରହ ଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଇଥିବା ଇସ୍ରୋ କହିଛି ।

ମିଶନ ର ନିର୍ଦ୍ଦେଶକ ଏସ୍.ଏସ୍.ବିନୋଦ କହିଛନ୍ତି ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଏହା ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି । ଉପଗ୍ରହ ନିର୍ଦ୍ଦେଶକ ଏମ୍. ଅବିନାଶ କହିଛନ୍ତି ଏହି ଉତ୍କ୍ଷେପଣ ଦ୍ୱାରା ଗଗନଯାନ ଯୋଜନା ନିମନ୍ତେ ରିମୋଟ୍ ସେନ୍ସିଙ୍ଗ୍‌ରୁ ପ୍ରାପ୍ତ ସମସ୍ତ ତଥ୍ୟ ସହାୟତା କରିବ ।

# ଇସ୍ରୋ ଚେୟାରମ୍ୟାନ୍-ପ୍ରେସ୍‌ମିଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ର ଅଧ୍ୟକ୍ଷ ସୋମନାଥ କହିଛନ୍ତି ଚଳିତବର୍ଷ ଶେଷ ସୁଦ୍ଧା ମାନବ ବିହୀନ ଗଗନଯାନ ଉତ୍‌କ୍ଷେପଣା ଲାଗି ଉଦ୍ୟମ କରାଯାଉଛି । ଗଣମାଧ୍ୟମ ସହିତ ଆଲୋଚନା ବେଳେ ସେ କହିଛନ୍ତି ଗଗନଯାନରେ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶ ସତୀଶ ଧୱନ୍ ମହାକାଶ କେନ୍ଦ୍ରରେ ପହଞ୍ଚି ସାରିଛି ଏବଂ ଉଡ଼ାଣ ନିମନ୍ତେ ଏହାକୁ ଯୋଡ଼ାଯାଇ ଏକତ୍ର କରାଯିବ । ମହାକାଶ ଗବେଷଣା ପ୍ରତିଷ୍ଠାନର ପ୍ରମୁଖ କହିଛନ୍ତି ମାନବ ମିଶନରେ ମହାକାଶରେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଗାମା କିରଣର ସୀମା ଅଲ୍‌ଟ୍ରା ଭାଓଲେଟ୍ ବିକିରଣର ତୀବ୍ରତା ଏବଂ ବ୍ରହ୍ମାଣ୍ଡୀୟ ଅଲ୍‌ଟ୍ରା ବିକିରଣର ଯାଞ୍ଚ କରିବାକୁ ଥିବା ସେନ୍‌ସର ଗୁଡ଼ିକ ପରୀକ୍ଷା କରାଯିବ ।

ସେ କହିଛନ୍ତି ତାମିଲନାଡୁର କୁଲ୍‌ଶେକରପଟିନାଓ ରେ ଆସନ୍ତା ୨ବର୍ଷ ମଧ୍ୟରେ ମହାକାଶ କେନ୍ଦ୍ର ସ୍ଥାପନ କରାଯିବ । ଶ୍ରୀ ସୋମନାଥ କହିଛନ୍ତି ପଡ଼ୋଶୀ ଦେଶର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଉପଗ୍ରହ ଉତ୍‌କ୍ଷେପଣ କରାଯିବ । ଭାରତ ଯେକୌଣସି ପ୍ରକାର ଉପଗ୍ରହ ନିର୍ମାଣ ନିମନ୍ତେ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

# ମୋଦୀ-ବାଂଲାଦେଶ

ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ତାଙ୍କ ଦେଶରେ ହିନ୍ଦୁ ଏବଂ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଆଶ୍ୱାସନା ଦେଇଛନ୍ତି ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଫେସର ୟୁନୁସ୍ ଫୋନ୍ କରି ବାଂଲାଦେଶର ସାଂପ୍ରତିକ ପରିସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ଶ୍ରୀ ମୋଦୀ ମଧ୍ୟ ଏକ ଗଣତାନ୍ତ୍ରିକ, ସ୍ଥିର ଓ ବିକସିତ ବାଂଲାଦେଶ ଗଠନ ଦିଗରେ ଭାରତର ସମର୍ଥନକୁ ଦୋହରାଇ ଥିଲେ । ସେ ବିଭିନ୍ନ ବିକାଶମୁଖୀ ପଦକ୍ଷେପ ମାଧ୍ୟମରେ ବାଂଲାଦେଶର ଜନସାଧାରଣଙ୍କୁ ସହାୟତା ନେଇ ଭାରତର ପ୍ରତିଶ୍ରୁତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ ମଧ୍ୟ ବାଂଲାଦେଶରେ ବାସ କରୁଥିବା ହିନ୍ଦୁ ତଥା ଅନ୍ୟ ସଂଖ୍ୟାଳଘୁ ସମ୍ପ୍ରଦାୟଙ୍କ ସୁରକ୍ଷା ଓ ନିରାପତ୍ତା ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କକୁ ଆଗେଇ ନେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

# ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତନ୍ୟାହୁ ପଶ୍ଚିମ ଏସିଆର ପରିସ୍ଥିତି ସମ୍ପର୍କରେ ଆଜି ଆଲୋଚନା କରିଛନ୍ତି । ବେଞ୍ଜାମିନ୍ ନେତନ୍ୟାହୁଙ୍କ ଆଜି ଶ୍ରୀ ମୋଦୀଙ୍କୁ ଟେଲିଫୋନ୍ ଯୋଗେ ପଶ୍ଚିମ ଏସିଆ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ବାର୍ତ୍ତାଳାପ କାଳରେ ଶ୍ରୀ ମୋଦୀ ପଣବନ୍ଦୀମାନଙ୍କ ତତ୍କାଳ ମୁକ୍ତି ଓ ପ୍ରଭାବିତମାନଙ୍କ ପାଇଁ ମାନବୀୟ ସହାୟତା ପ୍ରଦାନ ନେଇ ଭାରତର ଆଭିମୁଖ୍ୟ ଦୋହରାଇଥିଲେ । ଶ୍ରୀ ମୋଦୀ ଖୁବ୍ ଶୀଘ୍ର କୂଟନୈତିକ ସ୍ତରରେ ଆପୋଷ କଥାବାର୍ତ୍ତା ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନର ଆହ୍ୱାନ ଦେଇଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସହଭାଗିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଭାରତ-ଇସ୍ରାଏଲ୍ ରଣନୈତିକ ଭାଗିଦାରୀ ସମ୍ପର୍କକୁ ଆହୁରି ସଶକ୍ତ କରିବାର ଉପାୟ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଭାରତର ୭୮ତମ ସ୍ୱାଧୀନତା ଦିବସ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଇଣ୍ଡିଆ-ଗ୍ଲୋବାଲ୍ ସାଉଥ୍

ଭାରତ ଆସନ୍ତାକାଲି ଆଭାସୀ ମାଧ୍ୟମରେ ତୃତୀୟ 'ଭୟସ୍ ଅଫ୍ ଗ୍ଲୋବାଲ୍ ସାଉଥ୍' ସମ୍ମିଳନୀର ଆୟୋଜନ କରିବ । ଏହି ସମ୍ମିଳନୀର ବାର୍ତ୍ତା ରହିଛି 'ଏକ ଉନ୍ନତ ଭବିଷ୍ୟତ ପାଇଁ ସଶକ୍ତ ଦକ୍ଷିଣ ଗୋଲାର୍ଦ୍ଧ' । ନୂଆଦିଲ୍ଲୀ ଠାରେ ଆଜି ସାମ୍ବାଦିକମାନଙ୍କ ସହ କଥାବର୍ତ୍ତା ବେଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକୁ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି । ଏହି ସମ୍ମିଳନୀ ଅବସରରେ ପୂର୍ବ ସମ୍ମିଳନୀ ଗୁଡ଼ିକରେ ହୋଇଥିବା ଆଲୋଚନା ଉପରେ କାର୍ଯ୍ୟାନୁଷ୍ଠାନ ଓ ସାମ୍ପ୍ରତି ବିଶ୍ୱ ସାମ୍ନା କରୁଥିବା ବିଭିନ୍ନ ଆହ୍ୱାନ ଗୁଡ଼ିକ ସମ୍ପର୍କରେ ଆଲୋଚନା ସ୍ଥାନ ପାଇବ । ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକର ବିକାଶ ଧାରାରେ ଆସୁଥିବା ଆହ୍ୱାନ ଓ ପ୍ରାଥମିକତା ଭିତ୍ତିରେ ସେଗୁଡ଼ିକର ସମାଧାନ ମଧ୍ୟ ଏହି ସମ୍ମିଳନୀରେ ଆଲୋଚନା ହେବ । ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଆମନ୍ତ୍ରିତ ଦେଶଗୁଡ଼ିକର ମୁଖ୍ୟ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ମାସ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ଭାରତ-ଜାପାନ୍ ବୈଦେଶିକ-ପ୍ରତିରକ୍ଷା ମନ୍ତ୍ରୀମାନଙ୍କର ଦ୍ୱିପାକ୍ଷିୟ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଶ୍ରୀ ଜୟସ୍ୱାଲ କହିଛନ୍ତି, ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ

ସିଂହ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ।

## ଫିଲ୍ମ-ଆୱାର୍ଡସ୍

୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଆଜି ନୂଆଦିଲ୍ଲୀରେ ଘୋଷଣା ହୋଇଛି । ଏହି ପୁରସ୍କାର ୨୦୨୨ ପାଇଁ ପ୍ରଦାନ କରାଯିବ । ଘୋଷଣା ଅନୁସାରେ ଚଳଚ୍ଚିତ୍ର 'କାନ୍ତାରା'ରେ ସୁନ୍ଦର ପ୍ରଦର୍ଶନ ପାଇଁ ରାଜୀବ ସେଟ୍ଟୀ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର ଜିତିଛନ୍ତି । ସେହିପରି ତାମିଲ୍ ଚଳଚ୍ଚିତ୍ର 'ଥିରୁ ଚିତ୍ରାମ୍ବଲମ୍' ପାଇଁ ନିଥ୍ୟା ମେନେନ୍ ଓ ଗୁଜରାଟୀ ଚଳଚ୍ଚିତ୍ର 'କଚ୍ ଏକ୍ସପ୍ରେସ୍' ପାଇଁ ମାନସୀ ପାରେଖ୍‌ଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଘୋଷଣା କରାଯାଇଛି । ମାଲାୟଲମ୍ ଫିଲ୍ମ 'ଆଟ୍ଟମ୍'କୁ ସର୍ବଶ୍ରେଷ୍ଠ ଫିଚର୍ ଫିଲ୍ମ ଘୋଷଣା କରାଯାଇଥିବା ବେଳେ ଅଣ ଫିଚର୍ ଫିଲ୍ମ ବର୍ଗରେ ଚଳଚ୍ଚିତ୍ର 'ଆୟେନା'କୁ ଏହି ପୁରସ୍କାର ମିଳିଛି । ଚଳଚ୍ଚିତ୍ର 'ଉଞ୍ଚାଇ' ପାଇଁ ସୁରଜ ବଡ଼ଜାତିଆଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ଘୋଷଣା କରାଯାଇଛି । ଫିଚର ଫିଲ୍ମ ବର୍ଗରେ ଗୁଲ୍‌ମୋହର ଚଳଚ୍ଚିତ୍ରକୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଛି । ହରିୟାଣା ଚଳଚ୍ଚିତ୍ର 'ଫୌଜା'କୁ ଅଣ ଫିଚର୍ ଫିଲ୍ମ ବର୍ଗରେ ସର୍ବଶ୍ରେଷ୍ଠ ଲିରିକ୍ସ ପୁରସ୍କାର ମିଳିଛି । ସର୍ବଶ୍ରେଷ୍ଠ

ପୁରୁଷ ପ୍ରଚ୍ଛଦପଟ୍ଟ ଗାୟକ ପୁରସ୍କାର ଅରିଜିତ୍ ସିଂହଙ୍କୁ ମିଳିଥିବା ବେଳେ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ପୁରସ୍କାର ବମ୍ବେ ଜୟଶ୍ରୀଙ୍କୁ ମିଳିଛି ।

## ଆକାଶବାଣୀ ବୁଲେଟିନ୍

ଆକାଶବାଣୀ ସମାଚାର ବିଭାଗ ଘଣ୍ଟିକିଆ ସମାଚାର ପ୍ରସାରଣ ସୂଚୀରେ ପରିବର୍ତ୍ତନ କରାଯିବ । ଆସନ୍ତା ୧୮ ତାରିଖ ମଧ୍ୟରାତ୍ରି ପରଠାରୁ ପ୍ରଥମେ ହିନ୍ଦୀ ସମାଚାର ପ୍ରସାରଣ ହେବ, ପରେ ପରେ ୫ ମିନିଟ୍ ଅବଧିର ଇଂରାଜୀ ନ୍ୟୁଜ୍ ପ୍ରସାରଣ କରାଯିବ । ଅଗଷ୍ଟ ୧୮ ତାରିଖରୁ ଏହା କାର୍ଯ୍ୟକାରୀ ହେବ ।

## ପଦ୍ମ-ପୁରସ୍କାର

ପଦ୍ମ ପୁରସ୍କାର ୨୦୨୫ ପାଇଁ ନାମାଙ୍କନ ପ୍ରକ୍ରିୟା ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ **awards.gov.in**ରେ ନିଜର ନାମାଙ୍କନ ଦାଖଲ କରିପାରିବେ ।

ପଦ୍ମ ପୁରସ୍କାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମଧ୍ୟରୁ ଗୋଟିଏ । ଏହି ପୁରସ୍କାର ୩ଟି ଶ୍ରେଣୀରେ ପ୍ରଦାନ କରାଯାଇଥାଏ ।

ଅସାଧାରଣ ଓ ବିଶିଷ୍ଟ ସେବା ପାଇଁ 'ପଦ୍ମ ବିଭୂଷଣ', ଉଚ୍ଚକୋଟିର ବିଶିଷ୍ଟ ସେବା ପାଇଁ 'ପଦ୍ମ ଭୂଷଣ' ଓ ଯେକୌଣସି କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ 'ପଦ୍ମଶ୍ରୀ' ପୁରସ୍କାର ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ବର୍ଷ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ପୁରସ୍କାର ଘୋଷଣା ହୋଇଥାଏ ।